# NATIONAL NEWS BULLETIN (ODIA)

## 27 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ସ୍ୱାକ୍ଷରିତ ହେବ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା।
- ସିକ୍କିମ ରାଜ୍ୟ ପ୍ରତିଷ୍ଠା ସମାରୋହ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆଜିଠାରୁ ସିକ୍କିମ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ପଶ୍ଚିମବଙ୍ଗରେ ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ଶେଷ ହେବ ପ୍ରଚାର

ଏବଂ

- ଆଇପିଏଲ୍ କ୍ରିକେଟରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ବିଜୟୀ

# ଇଣ୍ଡିଆ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ

ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଆଜି ନୂଆଦିଲ୍ଲୀରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବ। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ। ନ୍ୟୁଜିଲାଣ୍ଡର ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକ୍‌କ୍ଲେଙ୍କ ସହିତ ଆଗ୍ରାର ତାଜମହଲ ଗସ୍ତ ସମୟରେ ଶ୍ରୀ ଗୋୟଲ କହିଛନ୍ତି ଯେ ବର୍ଷ ବର୍ଷ ଧରି ଉଚ୍ଚସ୍ତରୀୟ ଆଲୋଚନା ପରେ ଏହି ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି ଏବଂ ଉଭୟ ନେତାଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହେବ। ମୁକ୍ତ ବାଣିଜ୍ୟ ଚୁକ୍ତି ଅନୁଯାୟୀ ଆସନ୍ତା ପାଞ୍ଚ ବର୍ଷ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଦୁଇଗୁଣ ବୃଦ୍ଧି ପାଇ ୫ ବିଲିୟନ ଡଲାରରେ ପହଁଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

**VO-Piyush Goel**

ଶ୍ରୀ ଗୋୟଲ କହିଛନ୍ତି, ଏହି ଚୁକ୍ତିନାମା ଭାରତୀୟ ବଜାରରେ ବାଣିଜ୍ୟ ସୁଯୋଗ ବୃଦ୍ଧି ପାଇବ। ସେ ଆଗ୍ରାରେ ଚମଡା, ବୟନଶିଳ୍ପ, ହସ୍ତତନ୍ତ, ହସ୍ତଶିଳ୍ପ, କାର୍ପେଟ ଏବଂ ମସଲା ଭଳି କ୍ଷେତ୍ରର ସ୍ଥାନୀୟ ବ୍ୟବସାୟ ମାଲିକମାନଙ୍କୁ ମଧ୍ୟ ଭେଟିଛନ୍ତି। ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରି ଶ୍ରୀ ଗୋଏଲ କହିଛନ୍ତି, ଭାରତ ଭବିଷ୍ୟତର ରପ୍ତାନିରେ ଆଗ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପିଏମ୍-ସିକିମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦୁଇ ଦିନିଆ ସିକିମ ଗସ୍ତରେ ଯାଇ ଗ୍ୟାଙ୍ଗଟକ୍‌ରେ ପହଞ୍ଚିବେ। ଶ୍ରୀ ମୋଦି ସିକିମର ୫୦ ବର୍ଷର ରାଜ୍ୟ ପ୍ରତିଷ୍ଠାର ସମାପନୀ ଉତ୍ସବରେ ଯୋଗଦେବେ। ଶ୍ରୀ ମୋଦୀଙ୍କ ଗସ୍ତ ସମୟରେ ୪ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରାଯିବ।

ପ୍ରଧାନମନ୍ତ୍ରୀ ଆଜି ଅପରାହ୍ନରେ ସେଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ। ପରେ, ସେ ବିଜେପି କର୍ମୀଙ୍କ ସହ ଆଲୋଚନା କରିବେ।

ଆସନ୍ତାକାଲି ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ମୋଦି ପାଲଜୋର ଷ୍ଟାଡିୟମରେ ସିକିମର ୫୦ତମ ରାଜ୍ୟ ପ୍ରତିଷ୍ଠା ଉତ୍ସବର ସମାପନୀ ଉତ୍ସବରେ ଅଂଶଗ୍ରହଣ କରିବେ। ସେଠାରେ  ୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦଘାଟନ, ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିବେ। ବିକାଶ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭିତ୍ତିଭୂମି, ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶକ୍ତି, ସହରାଞ୍ଚଳ ବିକାଶ, ପରିବେଶ, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ର ରହିଛି।

ସିକିମ ସରକାର ପ୍ରାୟ ୧ ହଜାର ୫୦୦ କଳାକାରଙ୍କୁ ନେଇ ଏକତାର ୧୦୦୦ ପଦକ୍ଷେପ ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିବେ। ଶ୍ରୀ ମୋଦି ପାଲଜୋର ଷ୍ଟାଡିୟମରେ ସମାବେଶକୁ ମଧ୍ୟ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସିକିମର ରାଜ୍ୟ ମାନ୍ୟତାର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ସିକିମର ଦ୍ରୁତ ଓ ନିରନ୍ତର ବିକାଶ ପ୍ରତି ମୋଦି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କୁହାଯାଇଛି।

## ପ୍ରେଜ୍-ଏଚ୍‌ପି ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଗ୍ରୀଷ୍ମ ଅବକାଶ ପାଇଁ ଆଜିଠାରୁ ପାଞ୍ଚ ଦିନିଆ ହିମାଚଳ ପ୍ରଦେଶ ଗସ୍ତରେ ଯିବେ। ଗସ୍ତ ସମୟରେ ରାଷ୍ଟ୍ରପତି ସିମଲାର ମାଶୋବ୍ରାରେ ଥିବା ରାଷ୍ଟ୍ରପତି ନିବାସରେ ରହିବେ। ରାଷ୍ଟ୍ରପତି ଆସନ୍ତାକାଲି ସିମଲାର ଲୋକଭବନରେ ହିମାଚଳ ପ୍ରଦେଶର ରାଜ୍ୟପାଳଙ୍କ ଦ୍ୱାରା ଆୟୋଜିତ ଏକ ଭୋଜିରେ ଯୋଗଦେବେ। ବୁଧବାର, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅଟଳ ଟନେଲ ପରିଦର୍ଶନ କରିବେ।  ଗୁରୁବାର ଦିନ ରାଷ୍ଟ୍ରପତି ପାଲମପୁରରେ ଚୌଧୁରୀ ସରୱନ କୁମାର ହିମାଚଳ ପ୍ରଦେଶ କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେହି ଦିନ ରାଷ୍ଟ୍ରପତି ମାଶୋବ୍ରାରେ ରାଷ୍ଟ୍ରପତି ନିବାସରେ ଏକ ଘରୋଇ ସ୍ୱାଗତ ସମାରୋହର ଆୟୋଜନ କରିବେ। ରାଷ୍ଟ୍ରପତି ଆସନ୍ତା ମାସ ୧

ତାରିଖରେ ତାଙ୍କ ଗସ୍ତର ଶେଷ ଦିନରେ ସିମଲାରେ ଥିବା ସେନା ତାଲିମ କମାଣ୍ଡ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ଅପରେସନ୍-ୱ୍ୱାଇପ୍

ଅନଲାଇନ୍ ଜରିଆରେ ନିଶାଦ୍ରବ୍ୟ କାରବାର ନେଇ ବୃଦ୍ଧି ପାଉଥିବା ଭୟ ଦୂର କରିବା ଉଦ୍ଦେଶ୍ୟରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ- ଏନ୍.ସି.ବି. ଅପରେସନ୍ ୱ୍ୱାଇପ୍ ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନ ମାଧ୍ୟମରେ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ବେନିୟମ ଭାବେ ନିଶାଦ୍ରବ୍ୟ ବିକ୍ରି ଏବଂ ବିତରଣକୁ ରୋକାଯାଇପାରିବ ବୋଲି କୁହାଯାଇଛି । ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଗତ ଜୁଲାଇ ମାସରେ ଅପରେସନ୍ ମେଡ୍ ମ୍ୟାକ୍ସ ଜରିଆରେ ଏସିଆ, ଉତ୍ତର ଆମେରିକା, ୟୁରୋପ ଏବଂ ଅଷ୍ଟ୍ରେଲିଆ ସହ ଜଡ଼ିତ ନିଶାଦ୍ରବ୍ୟ କାରବାରର ସିଣ୍ଡିକେଟ୍‌କୁ ଠାବ କରିଥିଲା ।

ସୂଚନା ଅନୁଯାୟୀ, ତଦନ୍ତ ସମୟରେ କର୍ଣ୍ଣାଟକର ଉଡୁପିରେ ଅନଲାଇନ୍ ମାଧ୍ୟମରେ ନିଶାଦ୍ରବ୍ୟ କାରବାର ଓ ନିୟନ୍ତ୍ରଣ କରାଯାଉଥିବା ନେଇ ତଥ୍ୟ ମିଳିବା ପରେ ଏନ୍.ସି.ବି ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି ।

## ଡବ୍ଲ୍ୟୁବି- କ୍ୟାମ୍ପେନିଂ

ପଶ୍ଚିମବଙ୍ଗରେ ଦ୍ୱିତୀୟ ଏବଂ ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ। ଆସନ୍ତା ୨୯ ତାରିଖ ବୁଧବାର ଦିନ ୧୪୨ଟି ଆସନରେ ମତଦାନ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ କୋଲକାତା ଉତ୍ତର, କୋଲକାତା ଦକ୍ଷିଣ, ହାଓଡ଼ା, ନଦିଆ, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପରଗନା, ହୁଗଲି ଏବଂ ପୂର୍ବ ବର୍ଦ୍ଧମାନ ସମେତ ୮ଟି ଜିଲ୍ଲା ରହିଛି।

ଗତ ୨୩ ତାରିଖରେ ପଶ୍ଚିମବଙ୍ଗରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ୯୩ ଦଶମିକ ୧/୯ ପ୍ରତିଶତ ମତଦାନ ହୋଇଥିଲା। ଚାରିଟି ରାଜ୍ୟ - କେରଳମ, ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ଭୋଟଗଣନା କାର୍ଯ୍ୟ ଆସନ୍ତା ମାସ ୪ ତାରିଖରେ ଅନୁଷ୍ଠିତ ହେବ।

## ଇସି– ସେକେଣ୍ଡ ଫେଜ୍ ପୋଲିଂ

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ନିର୍ବାଚନ କମିଶନ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଘୋଷଣା କରିଛନ୍ତି। ଏହି ବ୍ୟବସ୍ଥାରେ ଭୋଟଦାନରେ ବାଧା ସୃଷ୍ଟି କରିବା କିମ୍ବା ଭୋଟରଙ୍କୁ ବାଧା ଦେବାର ଯେକୌଣସି ଉଦ୍ୟମକୁ ଦୃଢ଼ ଭାବରେ ମୁକାବିଲା କରାଯିବ। ନିର୍ବାଚନ କମିଶନ ସୁରକ୍ଷା କର୍ମୀଙ୍କୁ ନିର୍ବାଚନମଣ୍ଡଳୀ

ଭିତ୍ତିକ ନିୟୋଜିତ କରିବା ଏବଂ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ  ଅଧିକ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରିବା ପାଇଁ ପଦକ୍ଷେପ ନେଇଛନ୍ତି, ଯାହାଫଳରେ ଭୋଟରମାନେ ବିନା ଭୟରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିପାରିବେ। କୋଲକାତା ଅନ୍ତର୍ଗତ ତିନୋଟି ନିର୍ବାଚନ ଜିଲ୍ଲାର ନିର୍ବାଚନ ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ ଏବଂ କେନ୍ଦ୍ରୀୟ ବାହିନୀର କମାଣ୍ଡରଙ୍କ ମଧ୍ୟରେ  ନିର୍ବାଚନ ଆୟୋଗ ଏକ ସମନ୍ୱୟ ବୈଠକରେ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଆସନ୍ତା ବୁଧବାର  ପଶ୍ଚିମବଙ୍ଗରେ ହେବାକୁ ଥିବା ୧୪୨ଟି ନିର୍ବାଚନମଣ୍ଡଳୀର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବୈଠକରେ କୋଲକାତା ପୋଲିସ କମିଶନର, କୋଲକାତା ଉତ୍ତର, ଦକ୍ଷିଣ ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଧିକାରୀ, ସାଧାରଣ ଏବଂ ପୋଲିସ ପର୍ଯ୍ୟବେକ୍ଷକ, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସୁବ୍ରତ ଗୁପ୍ତା ଏବଂ ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ଏନ.କେ ମିଶ୍ର ବୈଠକରେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବା ସହ ସବୁ ବୁଥରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ କରାଯିବ।

## ଏନ୍‌ପିଟି କନଫରେନ୍ସ

ପରମାଣୁ ଅସ୍ତ୍ର ନିରୋଧ ଚୁକ୍ତିରେ ସାମିଲ ପକ୍ଷମାନଙ୍କର  ସମୀକ୍ଷା ସମ୍ମିଳନୀ ଆଜି ନ୍ୟୁୟର୍କରେ ଆରମ୍ଭ ହେବ। ଜାତିସଂଘ ଦ୍ୱାରା ଆୟୋଜିତ

ହେବାକୁ ଥିବା ସମ୍ମିଳନୀରେ ରାଷ୍ଟ୍ରପକ୍ଷଗୁଡ଼ିକ ପରମାଣୁ ନିରସ୍ତ୍ରିକରଣ, ପ୍ରସାର ନ କରିବା ଏବଂ ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ଉପରେ ଆଲୋଚନା କରିବେ। ପ୍ରାୟ ୪ ସପ୍ତାହ ଧରି ଆଲୋଚନା ଜାରି ରହିବ। ବିଶ୍ୱର ଅନେକ କ୍ଷେତ୍ରରେ ଦେଶ ଦେଶ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ପରମାଣୁ ଅସ୍ତ୍ରର ବ୍ୟବହାର ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ସେହି ସମୟରେ ପରମାଣୁ ନିରୋଧୀ ଚୁକ୍ତିରେ ସାମିଲ ଦେଶଗୁଡ଼ିକର ଏକାଦଶ ସମୀକ୍ଷା ସମ୍ମିଳନୀକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

ପରମାଣୁ ନିରସ୍ତ୍ରୀକରଣ ପାଇଁ ଜାତିସଂଘର ପ୍ରତିନିଧି ଇଜୁମି ନାକାମିସୁ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ପରମାଣୁ ଅସ୍ତ୍ରର ଯେଭଳି ଦୂରୁପଯୋଗ ନ ହେବ ସେ ନେଇ ଗଭୀର ଆଲୋଚନା କରାଯିବ।

## ଡୋଭାଲ-ୟୁଏଇ ପ୍ରେଜ୍

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଗତକାଲି ୟୁନାଇଟେଡ୍ ଆରବ ଏମିରରେଟ୍ସ-ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ କାଳରେ ଉଭୟ ନେତା ବିସ୍ତୃତ ରଣନୈତିକ ଭାଗିଦାରିତା ଏବଂ ଆଞ୍ଚଳିକ ପରିସ୍ଥିତି ସମ୍ପର୍କରେ ବ୍ୟାପକ ଆଲୋଚନା କରିଛନ୍ତି। ୟୁଏଇରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ଡୋଭାଲ’ ଆରବ

ଦେଶକୁ ତାଙ୍କର ସରକାରୀ ଗସ୍ତ ସମୟରେ ସେଠାକାର ନେତୃବୃନ୍ଦଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ଦୂତାବାସ କହିଛି, ଉଭୟ ଦେଶ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗିତା ବୃଦ୍ଧି ସମେତ ବିଭିନ୍ନ ଆଞ୍ଚଳିକ ପରିସ୍ଥିତି ଓ ପାରସ୍ପରିକ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ଚଳିତ ମାସ ଆରମ୍ଭରେ ଶ୍ରୀ ଡୋଭାଲ ସାଉଦି ଆରବର ବରିଷ୍ଠ ନେତାମାନଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ସମ୍ପର୍କ ଓ ଆଞ୍ଚଳିକ ପରିସ୍ଥିତି ସମ୍ପର୍କରେ ଅବଗତ କରିଥିଲେ ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଗତକାଲି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏମ୍.ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ୮ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସକୁ ପରାସ୍ତ କରିଥିଲା । ୧୫୯ ରନ୍‌ର ପିଛା କରି ଗୁଜୁରାଟ ଟାଇଟନ୍ସ ୧୬ ଓଭର ୪ଟି ବଲ୍‌ରେ  ୨ ୱିକେଟ୍ ବିନିମୟରେ ୧୬୨ ରନ୍‌ର ସଂଗ୍ରହ କରିଥିଲା ।

ଲକ୍ଷ୍ନୌର ଏକ୍‌ନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ସୁପର ଓଭରରେ କୋଲକାତା ନାଇଟ୍ ରାଇଡର୍ସ' ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି । ୧୫୬ ରନ୍‌ର ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୮ୱିକେଟ୍‌ରେ ୧୫୫ ରନ୍ ସ୍କୋର

କରିଥିଲା । ଫଳରେ ସୁପର ଓଭର ଅନୁଷ୍ଠିତ ହୋଇଥିଲା । ଏଥିରେ କୋଲକାତା ନାଇଟ୍ ରାଇଡର୍ସ ବିଜୟ ଲାଭ କରିଥିଲା ।

ଆଜି ସନ୍ଧ୍ୟା ୭ଟା ୩୦ରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଅଙ୍କ ତାଲିକାରେ ୧୩ ପଏଣ୍ଟ ସହ ପଞ୍ଜାବ କିଙ୍ଗ୍‌ସ ଶୀର୍ଷରେ ରହିଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୦ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।